# NATIONAL NEWS BULLETIN (ODIA)

## 18 August 2026

### Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ ସମୟରେ ଜବତ କଳାଟଙ୍କା ସହ ଜଡ଼ିତ ଅପରାଧିକ ମାମଲାର ସମୟସୀମାବଦ୍ଧ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ ସୁପ୍ରିମ୍‌କୋର୍ଟ୍ ।
- କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆଜିଠାରୁ ଆରମ୍ଭ ହେବ ସପ୍ତଧାରା ଶକ୍ତିସଂକଳ୍ପ ଅଭିଯାନ ।
- ୨୦୨୪ ଜେ.ଏସ୍.ଏସ୍.ସି.-ସି.ଜି.ଏଲ୍. ପରୀକ୍ଷା ସହ ଟି.ଡି.ପି.ଏଲ୍. ଦ୍ୱାରା ପରିଚାଳିତ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷାକୁ ବାତିଲ କଲେ ଝାଡ଼ଖଣ୍ଡ ସରକାର ।
- ଓଡ଼ିଶାର ଯାଜପୁର ଏବଂ ଭଦ୍ରକ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ଗାଲେ ଟେଷ୍ଟରେ ଶ୍ରୀଲଙ୍କା ବିପକ୍ଷରେ ଭାରତର ସ୍ଥିତି ଦୃଢ଼ ।

# ଏସ୍‌ସି-ଇଲେକ୍‌ସନ୍ ବ୍ଲାକ୍‌ମନି

ନିର୍ବାଚନ ସମୟରେ ଜବତ ହେଉଥିବା ସନ୍ଦେହଜନକ କଳାଟଙ୍କା ସହିତ ଜଡ଼ିତ ଅପରାଧିକ ମାମଲାର ସମୟସୀମାବଦ୍ଧ ତଦନ୍ତକୁ ସୁନିଶ୍ଚିତ କରିବାକୁ ସୁପ୍ରିମ୍‌କୋର୍ଟ୍ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ଜଷ୍ଟିସ୍ ସଞ୍ଜୟ କାରୋଲ ଏବଂ ଜଷ୍ଟିସ୍ ଏନ୍.କେ. ସିଂହଙ୍କ ଖଣ୍ଡପୀଠ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ଆଗତ ଏକ ଆବେଦନ ଉପରେ ବିଚାର କରି ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଖଣ୍ଡପୀଠ କହିଛନ୍ତି, ନିର୍ବାଚନ ପ୍ରକ୍ରିୟାରେ ଅବୈଧ ଆର୍ଥିକ କାରବାର ଗଣତାନ୍ତ୍ର ତଥା ନିର୍ବାଚନ ପ୍ରକ୍ରିୟା ପାଇଁ ଏକ ଆହ୍ୱାନ ।

ନିର୍ବାଚନ ସମ୍ବନ୍ଧୀୟ ନଗଦ କିମ୍ବା ସମ୍ପତ୍ତି ଜବତକୁ ସନ୍ଦିଗ୍ଧ ନିର୍ବାଚନୀ ଅପରାଧ ଭାବେ ଗ୍ରହଣ କରିବାକୁ ଖଣ୍ଡପୀଠ କହିଛନ୍ତି । ୨୪ ଘଣ୍ଟା ମଧ୍ୟରେ ଜିଲ୍ଲା ମାଜିଷ୍ଟ୍ରେଟ୍ କିମ୍ବା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଅଥବା ଏ ସଂକ୍ରାନ୍ତ କୋର୍ଟ୍‌କୁ ରିପୋର୍ଟ୍ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଜବତ ବର୍ଷକ ମଧ୍ୟରେ ତଦନ୍ତ ପ୍ରକ୍ରିୟା ଶେଷ କରିବାକୁ କୁହାଯାଇଛି । କୌଣସି ବିଳମ୍ବ କ୍ଷେତ୍ରରେ ଏ ସଂକ୍ରାନ୍ତ ରିପୋର୍ଟ୍ ନିର୍ବାଚନ କମିଶନ୍‌ଙ୍କ ପାଖରେ ଦାଖଲ କରିବାକୁ ପଡ଼ିବ ।

ଏଭଳି ତଦନ୍ତର ତ୍ରୈମାସିକ ସ୍ଥିତି ରିପୋର୍ଟ୍ ମଧ୍ୟ ଦାଖଲ କରିବାକୁ କୋର୍ଟ୍ ନିର୍ଦ୍ଦେଶ ଦେଇଛନ୍ତି । ୧୦ ଲକ୍ଷ ଟଙ୍କାରୁ ଅଧିକ ନଗଦ ଜବତ କ୍ଷେତ୍ରରେ ଆୟକର କର୍ତ୍ତୃପକ୍ଷଙ୍କୁ ସୂଚନା ପ୍ରଦାନ କରିବାକୁ କୋର୍ଟ୍ କହିଛନ୍ତି । ୨୦୧୪ ଲୋକସଭା ନିର୍ବାଚନ ସମୟରେ ବେଲାରିରେ ବ୍ୟାପକ କଳାଧନ ଜବତ ସମ୍ପର୍କିତ ଏକ ଆବେଦନ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ କୋର୍ଟ୍‌ରେ ଦାଖଲ କରାଯାଇଛି । ନିର୍ବାଚନ ପ୍ରକ୍ରିୟାରେ ଭାଗ ନେଉଥିବା ପ୍ରାର୍ଥୀ, ସାଂସଦ ଏବଂ ବିଧାୟକଙ୍କ ବିରୋଧରେ ଆଗତ ମାମଲା ଗୁଡ଼ିକର ଶୀଘ୍ର ସମାଧାନ ପାଇଁ କୋର୍ଟ୍ ବ୍ୟବସ୍ଥା କରିବାକୁ ଖଣ୍ଡପୀଠ ହାଇକୋର୍ଟ୍‌ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଶିବରାଜ-ସପ୍ତଧାରା

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସପ୍ତଧାରା ଶକ୍ତି ସଂକଳ୍ପ ଅଭିଯାନ ଆଜିଠାରୁ ଆରମ୍ଭ ହେବ । ନୂଆଦିଲ୍ଲୀର ପୁଷା କ୍ୟାମ୍ପସ୍‌ରେ କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ସଂକଳ୍ପ ଅଭିଯାନର ଶୁଭାରମ୍ଭ କରିବେ । ଏହାର ଅବ୍ୟବହିତ ପୂର୍ବରୁ ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସପ୍ତଧାରା ଶକ୍ତି ଉପରେ ଆଲୋକପାତ କରିଥିବେ । କୃଷି ଏବଂ ଗ୍ରାମୀଣ ଭାରତ ପାଇଁ ଏହି ଦୃଷ୍ଟିକୋଣ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରଦାନ କରିବ । ସରକାରଙ୍କ ଜନକୈନ୍ଦ୍ରିକ କାର୍ଯ୍ୟକ୍ରମ, ସ୍ୱଚ୍ଛ ତଦାରଖ ବ୍ୟବସ୍ଥା ଏବଂ ପ୍ରଭାବଶାଳୀ

କାର୍ଯ୍ୟାନ୍ୱୟନ ମାଧ୍ୟମରେ ଏହି ପରିକଳ୍ପନାକୁ ବାସ୍ତବତାରେ ପରିଣତ କରିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଚୌହାନ କହିଛନ୍ତି । ସପ୍ତଧାରା ଶକ୍ତି ଦୃଷ୍ଟିକୋଣରେ କୃଷି ଓ ଖାଦ୍ୟ ଉତ୍ପାଦନକୁ ମଜବୁତ କରିବା, ଖାଦ୍ୟ ପ୍ରକ୍ରିୟାକରଣକୁ ପ୍ରୋତ୍ସାହନ ପ୍ରଦାନ ଏବଂ ବିଶ୍ୱବଜାରରେ ଭାରତର ସ୍ଥିତିକୁ ଅଧିକ ବ୍ୟାପକ କରିବା ନେଇ ଲକ୍ଷ୍ୟ ରଖାଯାଇଛି । ସାମ୍ପ୍ରତିକ ବୈଶ୍ୱିକ ସଂକଟ ମଧ୍ୟରେ କୃଷକଙ୍କୁ ରିହାତି ମୂଲ୍ୟରେ ସାର ଯୋଗାଇବା ପାଇଁ ସରକାରଙ୍କ ଅଙ୍ଗୀକାର ବଦ୍ଧତା ଉପରେ ମନ୍ତ୍ରୀ ଶ୍ରୀ ସିଂହ ଏହି ଅବସରରେ ଉଲ୍ଲେଖ କରିଛନ୍ତି । ଆଜିର କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମାର୍ଗଦର୍ଶିକା, ଲକ୍ଷପତି ଦିଦି କାର୍ଯ୍ୟକ୍ରମର ସମ୍ପ୍ରସାରଣ ଏବଂ ଗ୍ରାମାଞ୍ଚଳ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ଧ୍ୟାନ କେନ୍ଦ୍ରିତଭୂତ ହେବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଝାଡ଼ଖଣ୍ଡ-ପ୍ରୋଟେଷ୍ଟ

ଝାଡ଼ଖଣ୍ଡର ଜେ.ଏସ୍.ଏସ୍.ସି. – ସି.ଜି.ଏଲ୍. ୨୦୨୪ ପରୀକ୍ଷା ଏବଂ ଟି.ଡି.ପି.ଏଲ୍. ସଂସ୍ଥା ଦ୍ୱାରା ପରିଚାଳିତ ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷାକୁ ରାଜ୍ୟ ସରକାର ବାତିଲ କରିଛନ୍ତି । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଅଧ୍ୟକ୍ଷତାରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ସ୍ୱତନ୍ତ୍ର କ୍ୟାବିନେଟ୍

ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏଥିସହ ୨୦୧୪ ମସିହାରୁ ଝାଡ଼ଖଣ୍ଡ ଲୋକସେବା ଆୟୋଗ ଏବଂ ଝାଡ଼ଖଣ୍ଡ କର୍ମଚାରୀ ଚୟନ ଆୟୋଗ ଦ୍ୱାରା ପରିଚାଳିତ ସମସ୍ତ ନିଯୁକ୍ତି ପରୀକ୍ଷାର ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

ଅନ୍ୟ ପକ୍ଷରେ ଝାଡ଼ଖଣ୍ଡରେ ଛାତ୍ର ପ୍ରତିବାଦ ୨୪ ଦିନ ଅତିକ୍ରମ କରିଛି । ସମସ୍ତ ଦାବି ଉପରେ ଆଲୋଚନା ପାଇଁ ସରକାରଙ୍କୁ ଛାତ୍ର ପ୍ରତିବାଦକାରୀ ଗୋଷ୍ଠୀ ପ୍ରସ୍ତାବ ଦେଇଛନ୍ତି ।

# ବ୍ରିକ୍ସ-ୟୁଥ୍

ଗୁଜରାଟର ଗାନ୍ଧିନଗରଠାରେ ଆସନ୍ତାକାଲିଠାରୁ ଦୁଇଦିନିଆ ବ୍ରିକ୍ସ ଯୁବ ପରିଷଦ ବୈଠକ ଓ ସମ୍ମିଳନୀ ଆୟୋଜିତ ହେବ । ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀକୁ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜନ କରାଯାଇଛି । ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ଏବଂ ଅଂଶିଦାର ଦେଶଗୁଡ଼ିକର ପ୍ରତିନିଧି ଏଥିରେ ଯୋଗଦେଇ ଯୁବବର୍ଗଙ୍କ ମଧ୍ୟରେ ବ୍ରିକ୍ସ ସଂଗଠନର ଗୁରୁତ୍ୱ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିବେ । ଆସନ୍ତା ୨୨ ତାରିଖରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଠାରେ ବ୍ରିକ୍ସ ଯୁବ ମନ୍ତ୍ରୀ ସ୍ତରୀୟ ବୈଠକ ଅନୁଷ୍ଠିତ ହେବ ।

ଏଥିରେ ସଦସ୍ୟ ରାଷ୍ଟ୍ର ଏବଂ ଅଂଶିଦାର ଦେଶଗୁଡ଼ିକର ଯୁବ ମନ୍ତ୍ରୀ ଓ ପ୍ରତିନିଧି ମଣ୍ଡଳୀ ଯୋଗ ଦେବେ ।

## ବନ୍ୟା-ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତର ରୂପ ନେବା ପରେ ଏହା ଉତ୍ତର, ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛି । ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ଅତିପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ସୁବର୍ଣ୍ଣପୁର, ଝାରସୁଗୁଡ଼ା ଓ ବଲାଙ୍ଗୀର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗତକାଲି ସକାଳ ସୁଦ୍ଧା ବାଲେଶ୍ୱର ଜିଲ୍ଲାର ଭୋଗରାଇଠାରେ ସର୍ବାଧିକ ୨୧୭ ମିଲିମିଟର ବର୍ଷା ରେକର୍ଡ ହୋଇଥିଲା ।

ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ବୈତରଣୀର ଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି

। ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଓ ଭଦ୍ରକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କରିଥିଲେ । ଏ ସଂପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କ୍ଷୟକ୍ଷତିର ଆକଳନ କରି ପ୍ରଭାବିତଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ରିପୋର୍ଟ ଅନୁଯାୟୀ ରାଜ୍ୟରେ ବନ୍ୟା ଯୋଗୁଁ ୬ଟି ଜିଲ୍ଲାର ୬୬ଟି ବ୍ଲକର ୭ ଲକ୍ଷ ୮୫ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ବାଲେଶ୍ୱରରେ ସର୍ବାଧିକ ୨ ଲକ୍ଷ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି ।

ଗତକାଲି ସନ୍ଧ୍ୟା ସୁଦ୍ଧା ୨ ଲକ୍ଷ ୭୭ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ସୀତାରମଣ-ଏନ୍ଆଇସିଡିଆଇଟି

ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା ଆଧାରରେ ସମନ୍ୱିତ ତଥା ନିବେଶ ଅନୁକୂଳ ଜମି ଆବଣ୍ଟନ ବ୍ୟବସ୍ଥାର ନିରନ୍ତର କାର୍ଯ୍ୟକାରିତା ଉପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ଗତକାଲି ଜାତୀୟ ଶିଳ୍ପ କରିଡ଼ର ବିକାଶ ଏବଂ କାର୍ଯ୍ୟାନ୍ୱୟନ ଟ୍ରଷ୍ଟର

ଉଚ୍ଚସ୍ତରୀୟ ତଦନ୍ତ କର୍ତ୍ତୃପକ୍ଷଙ୍କ ତୃତୀୟ ବୈଠକରେ ଅଧ୍ୟକ୍ଷତା କରି ଅର୍ଥମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ଟିମ୍ ଇଣ୍ଡିଆର ଭାବନା ସହ ଶିଳ୍ପ ବିକାଶ ଅଗ୍ରସର ହେବା ଉଚିତ୍ । ପ୍ରକଳ୍ପ ଅନୁମୋଦନ ଠାରୁ ଆରମ୍ଭ କରି ଉତ୍ପାଦନ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରୀଭୂତ ହେବା ଉଚିତ୍ ।

ଏହି ବୈଠକରେ ଯୋଗଦେଇ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭବ୍ୟ ଏବଂ ଭବିଷ୍ୟତର ଶିଳ୍ପ ବିକାଶ ପଦକ୍ଷେପ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା ସହ ସମନ୍ୱିତ ହେବା ଉଚିତ୍ । ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ ସୃଷ୍ଟି ହେଉଥିବା ସୁଯୋଗର ଉପଯୋଗ କରିବାକୁ ମନ୍ତ୍ରୀ ଶ୍ରୀ ଗୋୟଲ ଅହ୍ୱାନ ଦେଇଛନ୍ତି । ଉଦ୍ୟୋଗ କ୍ଷେତ୍ରରେ ନିବେଶ ଏବଂ ସଶକ୍ତ ବଜାର କ୍ଷେତ୍ର ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ବୈଠକରେ ଆଭାସୀ ମାଧ୍ୟମରେ ଯୋଗଦେଇ ବନ୍ଦର ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ଜାତୀୟ ଜଳପଥ ପଦକ୍ଷେପକୁ ଶିଳ୍ପ କରିଡ଼ର ସହ ସମନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଦୃଢ଼ ଯୋଗାଯୋଗ, ଜମି ଉପଲବ୍ଧତା, ସ୍ଥାନୀୟ ସମ୍ବଳ ସୁବିଧା ଏବଂ ବଜାର ସମ୍ଭାବନା ପ୍ରଦାନ କରୁଥିବା କ୍ଷେତ୍ର ଆଧାରିତ ଶିଳ୍ପ

ଭିତ୍ତିଭୂମି ବିକାଶ ଉପରେ କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀ ସୋନଓ୍ୱାଲ ପରାମର୍ଶ ଦେଇଛନ୍ତି ।

## କେରଳମ୍-ଭିଜିଞ୍ଜାମ୍ ସି-ପୋର୍ଟ୍

କେରଳମ୍‌ର ଭିଜିଞ୍ଜାମ୍ ସାମୁଦ୍ରିକ ବନ୍ଦରରୁ ଆଜିଠାରୁ ପ୍ରତ୍ୟକ୍ଷ ରପ୍ତାନୀ ଓ ଆମଦାନୀ କାର୍ଯ୍ୟ ଆରମ୍ଭ ହେବ । ବନ୍ଦର ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ଏବଂ ମୁଖ୍ୟମନ୍ତ୍ରୀ ଭି.ଡି. ସତୀସନ ପୂର୍ବାହ୍ନରେ ଏହି ସେବାର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

ବଡ଼ ଜାହାଜରୁ ଛୋଟ ଜାହାଜଗୁଡ଼ିକୁ ପଣ୍ୟ ସ୍ଥାନାନ୍ତର ନେଇ ଏହି ବନ୍ଦରରେ ଏବେ କାର୍ଯ୍ୟ ଜାରି ରହିଛି । ତେବେ ରପ୍ତାନୀ ଏବଂ ଆମଦାନୀ କ୍ଷେତ୍ର ପାଇଁ ଏହା କାର୍ଯ୍ୟକାରୀ ହେବା ପରେ ଏହି ସାମୁଦ୍ରିକ ବନ୍ଦରର କାର୍ଯ୍ୟକାରିତା ଅଧିକ ବୃଦ୍ଧି ପାଇବ ବୋଲି ମନ୍ତ୍ରଣାଳୟ କହିଛି । ଗତମାସ ୧୭ ତାରିଖରେ ରପ୍ତାନୀ ଏବଂ ଆମଦାନୀ ପରିଚାଳନା ପାଇଁ କଷ୍ଟମ୍ ବିଭାଗଠାରୁ ବନ୍ଦରକୁ ଆବଶ୍ୟକ ଅନୁମତି ପ୍ରଦାନ ମିଳିଛି । ଗତବର୍ଷ ମେ ୨ ତାରିଖରେ ଏହି ବନ୍ଦରକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା ।

## ଟେଷ୍ଟ-କ୍ରିକେଟ୍

ଶ୍ରୀଲଙ୍କାର ଗାଲେଠାରେ ଚାଲିଥିବା ପ୍ରଥମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ରେ ଶ୍ରୀଲଙ୍କା ବିରୁଦ୍ଧରେ ଭାରତ ଦୃଢ଼ ସ୍ଥିତିରେ ରହିଛି । ଗତକାଲି ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଭାରତ ପ୍ରଥମ ଇନିଂସ ରନ୍ ବ୍ୟବଧାନରେ ଶ୍ରୀଲଙ୍କାଠାରୁ ୧୭୮ରନ୍ ଆଗୁଆ ରହିଛି । ଶ୍ରୀଲଙ୍କାର ପ୍ରଥମ ଇନିଂସ ୨୮୪ରନ୍‌ରେ ସୀମିତ ରହିଥିଲା । ଭାରତ ପକ୍ଷରୁ ମାନବ ସୁଥାର୍ ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ରବୀନ୍ଦ୍ର ଜାଡ଼େଜା ୩ଟି ୱିକେଟ୍ ହାସଲ କରିଥିଲେ । ଭାରତର ପ୍ରଥମ ଇନିଂସ ୪୬୨ରନ୍‌ରେ ସମାପ୍ତ ହୋଇଥିଲା । ଆଜି ଭାରତ ତାର ତୃତୀୟ ଇନିଂସର ବ୍ୟାଟିଂ ଜାରି ରଖିବ ।

## ଏଫ୍ଆଇଏଚ୍ ହକି

ଏଫ୍.ଆଇ.ଏଚ୍. ମହିଳା ହକି ବିଶ୍ୱକପ୍ ପ୍ରତିଯୋଗିତାରେ ଆଜି ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ୍ ଖେଳାଯିବ । ନେଦରଲ୍ୟାଣ୍ଡସ୍‌ର ଆମ୍‌ଷ୍ଟେଲଭିନ୍ ଠାରେ ଏହି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ । ଚୀନ୍ ସହ ୨-୨ ଗୋଲ୍‌ରେ ମ୍ୟାଚ୍‌କୁ ଅମିମାଂଶିତ ଭାବେ ଶେଷ କରି ଭାରତ ଏହାର ଅଭିଯାନ ଆରମ୍ଭ କରିଛି ।

ଅନ୍ୟ ପକ୍ଷରେ ପୁରୁଷ ବର୍ଗରେ ଭାରତ ଗତକାଲିର ମ୍ୟାଚ୍‌ରେ ଇଂଲଣ୍ଡଠାରୁ ୨-୪ ଗୋଲ୍‌ରେ ପରାସ୍ତ ହୋଇଛି । ପ୍ରଥମ ମ୍ୟାଚ୍‌ରେ ଭାରତ’ ୱେଲ୍ସକୁ ୩-୧ ଗୋଲ୍‌ରେ ପରାସ୍ତ କରିଥିଲା । ଦୁଇଟି ମ୍ୟାଚ୍‌ରୁ ଭାରତୀୟ ପୁରୁଷ ଦଳ ୩ ପଏଣ୍ଟ ହାସଲ କରିଛନ୍ତି । ଆସନ୍ତାକାଲି ଭାରତ’ ପାକିସ୍ତାନକୁ ଭେଟିବ ।

## ଡୁରାଣ୍ଡକପ୍

ଡୁରାଣ୍ଡକପ୍ ଫୁଟବଲ୍ ପ୍ରତିଯୋଗିତାରେ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍.ସି. ୫-୨ ଗୋଲ୍‌ରେ ସିଲଂଲାଜୋଙ୍ଗ ଦଳକୁ ପରାସ୍ତ କରିଛି । ଏଥିସହ ନର୍ଥ ଇଷ୍ଟ ୟୁନାଇଟେଡ୍ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ଗୁରୁବାର ଦିନ ସେମିଫାଇନାଲ୍‌ରେ ମୋହନବାଗାନ ସୁପରଜ୍ୟାଣ୍ଟସ୍ ସହ ନର୍ଥ ଇଷ୍ଟ ୟୁନାଇଟେଡ୍‌ର ମୁକାବିଲା ହେବ ।